ଓଡ଼ିଶା ସରକାର

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ
# ବିଭାଗର
# ୨୦୦୭-୦୮ ମସିହାର
# କାର୍ଯ୍ୟାବଳୀ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କାର୍ଯ୍ୟ ବିବରଣୀ ୨୦୦୭-୦୮

## ଉପକ୍ରମ

୧. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଉଭୟ ସଚିବାଳୟ ଓ ବିଭାଗୀୟ ମୁଖ୍ୟ ଦପ୍ତରର ସମନ୍ୱିତ କାର୍ଯ୍ୟ ସମ୍ପାଦନ କରେ ।

## ବିଭାଗର ମୁଖ୍ୟ କାର୍ଯ୍ୟାବଳୀ

(କ) ଖାଦ୍ୟାନ୍ନର ସଂଗ୍ରହଣ, ସଂରକ୍ଷଣ ଓ ବଣ୍ଟନ ପାଇଁ ନୀତି ନିର୍ଦ୍ଧାରଣ ଓ ପ୍ରୟୋଗ ।

(ଖ) ଲକ୍ଷ୍ୟାନୁବର୍ତ୍ତୀ ସାଧାରଣ ବଣ୍ଟନ (ଟି.ପି.ଡି.ଏସ୍) ବ୍ୟବସ୍ଥାର ରୂପାୟନ ।

(ଗ) ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ ୧୯୫୫, ଅସାଧୁ କାରବାର ନିରାକରଣ ନିୟମ, ଅତ୍ୟାବଶ୍ୟକ ଦ୍ରବ୍ୟ ସେବା ପରିଚାଳନା ଅଧିନିୟମ ୧୯୮୦ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଣୀତ ନିୟନ୍ତ୍ରଣ ନିୟମାବଳୀର କାର୍ଯ୍ୟକାରୀ କରାଇବା ।

(ଘ) ଧାନ ସଂଗ୍ରହଣ ।

(ଙ) ବିଭିନ୍ନ ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ, ଅନୁଧ୍ୟାନ ଓ ଗୁପ୍ତ ତଥ୍ୟ ସଂଗ୍ରହଣ ।

(ଚ) ଓଜନ ଓ ମାପ ଅଧିନିୟମ ଏବଂ ଓଜନ ଓ ମାପ ମାନକ (ବଳବତ୍ତକରଣ) ଅଧିନିୟମ ଓ ତତ୍ ସମ୍ପର୍କୀତ ନିୟମାବଳୀ କାର୍ଯ୍ୟକାରୀ ଓ ବଳବତ୍ତକରଣ ।

## ୨. ଖାଦ୍ୟ ଓ ସଂଗ୍ରହଣ ନୀତି

ରାଜ୍ୟ ସରକାରଙ୍କର ଖାଦ୍ୟ ଓ ସଂଗ୍ରହଣ ନୀତି ପ୍ରତିବର୍ଷ ଅକ୍ଟୋବର ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥାଏ । ସରକାରଙ୍କ ଦ୍ୱାରା ଗତ ଚାରି ବର୍ଷର ଧାନ ସଂଗ୍ରହଣର ଧାର୍ଯ୍ୟହୋଇଥିବା ଲକ୍ଷ୍ୟ ଓ ବିଭିନ୍ନ ସଂସ୍ଥା ଦ୍ୱାରା ସଂଗ୍ରହଣ ନିମ୍ନରେ ପ୍ରଦତ୍ତ କରାଯାଇଛି ।

| ବର୍ଷ (ଖରିଫ) | ଧାର୍ଯ୍ୟଲକ୍ଷ ଚାଉଳ (ଲକ୍ଷ ମେ.ଟ) | ସଂଗ୍ରହଣ ଚାଉଳ (ଲକ୍ଷ ମେ.ଟ) |
|---|---|---|
| ୨୦୦୩-୦୪ | ୧୫.୦୦ | ୧୩.୪୯ |
| ୨୦୦୪-୦୫ | ୨୦.୦୦ | ୧୫.୬୪ |
| ୨୦୦୫-୦୬ | ୨୦.୦୦ | ୧୮.୧୭ |
| ୨୦୦୬-୦୭ | ୨୨.୦୦ | ୧୯.୬୫ |

**୨.୨** ଚଳିତ ଖରିଫ ବର୍ଷ ୨୦୦୭-୦୮ ନିମିତ୍ତ ୨୫ ଲକ୍ଷ ମେଟ୍ରିକ ଟନ୍ ଚାଉଳପାଇଁ ଆବଶ୍ୟକ ଧାନ ସଂଗ୍ରହଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ୨୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ପାଇଁ ଧାନ, ସରକାରୀ ସଂସ୍ଥା ଓ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଏବଂ ଅବଶିଷ୍ଟ ଧାନ ଲେଭି ମାଧ୍ୟମରେ ସଂଗ୍ରହଣ କରାଯିବାକୁ ସ୍ଥିର କରାଯାଇଛି । ପାଞ୍ଚ ଗୋଟି ସରକାରୀ ସଂସ୍ଥା/ସମବାୟ ସଂସ୍ଥା ଯଥା ଯୋଗାଣ ନିଗମ,PACSs, NAFED, MARKFED ଏବଂ TDCCଙ୍କୁ ରାଜ୍ୟରେ ଚାଷୀ ମାନଙ୍କଠାରୁ ସିଧା ସଳଖ ଧାନ କିଣିବା ପାଇଁ ନିୟୋଜିତ କରାଯାଇଛି । ଭାରତୀୟ ଖାଦ୍ୟ ନିଗମ ଓ ତାଙ୍କଦ୍ୱାରା ନିୟୋଜିତ ସଂସ୍ଥା NCMSL, STC ଓ NBHCଙ୍କୁ ମଧ୍ୟ ଚାଷୀମାନଙ୍କ ଠାରୁ ସିଧାସଳଖ ଧାନ କିଣିବାକୁ ଅନୁମତି ଦିଆଯାଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ସଂସ୍ଥା ମାନଂକୁ ଧାନ ସଂଗ୍ରହଣରେ ସରକାରୀ ସଂସ୍ଥା ମାନଂକ ସହିତ ନିବନ୍ଧିତ କରିବାକୁ ନିଷ୍ପତ୍ତି ନିଆଯାଇଛି ।

**୨.୩** ଚଳିତ ଖରିଫ ବର୍ଷ ୨୦୦୭-୦୮ ରେ ତା ୨୫.୧.୨୦୦୮ ସୁଦ୍ଧା ନିୟୋଜିତ ସଂସ୍ଥା ମାନଂକ ଦ୍ୱାରା ସଂଗୃହିତ ଧାନର ପରିମାଣ ନିମ୍ନରେ ଦିଆଗଲା ।

| ସଂସ୍ଥାର ନାମ | ଧାର୍ଯ୍ୟ ଲକ୍ଷ ଲକ୍ଷ ମେ.ଟ.ଚାଉଳ ହିସାବରେ | ଧାନ ସଂଗ୍ରହଣ ଲକ୍ଷ ମେ.ଟ.ଧାନ ହିସାବରେ | ସମାନୁପାତିକ ଚାଉଳ ଲକ୍ଷ ମେ.ଟ. ଚାଉଳ ହିସାବରେ |
|---|---|---|---|
| ଓଡିଶା ଯୋଗାଣ ନିଗମ | ୮.୩୦ | ୮.୧୦ | ୫.୪୩ |
| PACS | ୧.୪୦ | ୦.୪୮ | ୦.୩୨ |
| MARKFED | ୨.୬୦ | ୧.୬୧ | ୦.୭୪ |
| NAFED | ୩.୮୧ | ୨.୨୭ | ୧.୫୧ |
| TDCC | ୦.୫୫ | ୦.୩୮ | ୦.୨୫ |
| ଭାରତୀୟ ଖାଦ୍ୟ ନିଗମ | ୧.୯୦ | ୦.୩୭ | ୦.୨୫ |
| NCMSL | ୪.୦୭ | ୨.୯୧ | ୧.୯୫ |
| Levy(Millers) | ୧.୫୮ | ୦.୫୩ | ୦.୩୭ |
| ମୋଟ - | ୨୪.୨୧ | ୧୬.୭୪ | ୧୦.୮୧ |

**୨.୪** ଭାରତ ସରକାର FAQ ମାନ ଧାନର କୋହଳ ମାନର ସହାୟକ ମୂଲ୍ୟ ବିଭିନ୍ନ କିସମର ଧାନ ଓ ଚାଉଳର ନିମ୍ନଲିଖିତ ବର୍ଷ ମାନଂକ ପାଇଁ ମୂଲ୍ୟ ଧାର୍ଯ୍ୟ କରି ଜଣାଇଛନ୍ତି ।

## ୨.୫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ

(କ୍ୱିଣ୍ଟାଲ ପିଛା ମୂଲ୍ୟ (ଟଙ୍କା) ହିସାବରେ)

| ବର୍ଷ | ସାଧାରଣ କିସମ ଧାନ | 'କ' ଶ୍ରେଣୀ ଧାନ |
|---|---|---|
| ୨୦୦୩-୦୪ FAQ | ୫୫୦. ୦୦ | ୫୮୦.୦୦ |
| କୋହଳ ମାନ | ୫୨୮.୦୦ | ୫୫୭.୦୦ |
| ୨୦୦୪-୦୫ FAQ | ୫୬୦. ୦୦ | ୫୯୦.୦୦ |
| କୋହଳ ମାନ | ୫୩୮.୦୦ | ୫୬୬.୦୦ |
| ୨୦୦୫-୦୬ FAQ | ୫୭୦. ୦୦ | ୬୦୦.୦୦ |
| କୋହଳ ମାନ | ୫୪୭.୦୦ | ୫୭୬.୦୦ |
| ୨୦୦୬-୦୭ FAQ | ୬୨୦.୦୦ | ୬୫୦.୦୦ |
| କୋହଳ ମାନ | ୫୯୭.୦୦ | ୬୨୬.୦୦ |
| | (୪୦.୦୦ ଟଙ୍କା ବୋନସ ଅନ୍ତର୍ଭୁକ୍ତ) | (୪୦.୦୦ ଟଙ୍କା ବୋନସ ଅନ୍ତର୍ଭୁକ୍ତ) |
| ୨୦୦୭-୦୮ FAQ | ୭୪୫.୦୦ | ୭୭୫.୦୦ |
| କୋହଳ ମାନ | ୭୨୩.୦୦ | ୭୫୨.୦୦ |
| | (୧୦୦.୦୦ ଟଙ୍କା ବୋନସ ଅନ୍ତର୍ଭୁକ୍ତ) | (୧୦୦.୦୦ ଟଙ୍କା ବୋନସ ଅନ୍ତର୍ଭୁକ୍ତ) |

## ୨.୬ ଲେଭି ଚାଉଳ ସଂଗ୍ରହଣର ମୂଲ୍ୟ

| ବର୍ଷ | କିସମ | ଅରୁଆ | ଉଷୁନା |
|---|---|---|---|
| ୨୦୦୩-୦୪ | ସାଧାରଣ | ୯୬୫.୭୦ | ୯୫୨.୧୦ |
| | 'କ' ଶ୍ରେଣୀ | ୧୦୧୩.୭୦ | ୯୯୯.୧୦ |
| ୨୦୦୪-୦୫ | ସାଧାରଣ | ୯୬୫.୭୦ | ୯୫୨.୧୦ |
| | 'କ' ଶ୍ରେଣୀ | ୧୦୧୩.୭୦ | ୯୯୯.୪୦ |
| ୨୦୦୫-୦୬ | ସାଧାରଣ | ୯୬୫.୭୦ | ୯୬୫.୩୦ |
| | 'କ' ଶ୍ରେଣୀ | ୧୦୧୩.୭୦ | ୧୦୧୧.୬୦ |
| ୨୦୦୬-୦୭ | ସାଧାରଣ | ୧୦୪୧.୨୦ | ୧୦୪୧.୮୦ |
| | 'କ' ଶ୍ରେଣୀ | ୧୦୮୮.୩୦ | ୧୦୮୮.୨୦ |
| ୨୦୦୭-୦୮ | ସାଧାରଣ | ୧୧୯୧.୨୦ | ୧୧୮୮.୯୦ |
| | 'କ' ଶ୍ରେଣୀ | ୧୨୩୬.୪୦ | ୧୨୩୩.୫୦ |

୨.୭ ଚାଷୀ ମାନଙ୍କୁ ଧାନର ନିମ୍ନତମ ସହାୟକ ମୂଲ୍ୟ ପ୍ରଦାନ ନିମିତ୍ତ ଧାନ ସଂଗ୍ରହଣରେ ନିୟୋଜିତ ସରକାରୀ ସଂସ୍ଥାମାନେ ଅଧିକରୁ ଅଧିକ ଧାନ ଚାଷୀ ମାନଙ୍କଠାରୁ ସିଧା ସଳଖ କିଣିଛନ୍ତି । ତାହାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା ।

(ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ହିସାବରେ)

| ଖରିଫ ବର୍ଷ | ମୋଟ ସଂଗ୍ରହଣ | ସଂଗ୍ରହଣ ସରକାରୀ ସଂସ୍ଥା ଦ୍ୱାରା | ସରକାରୀ ସଂସ୍ଥା ଦ୍ୱାରା ମୋଟ ସଂଗ୍ରହଣର ଶତକଡା ହିସାବ |
|---|---|---|---|
| ୨୦୦୩-୦୪ | ୧୩.୪୯ | ୦.୯୫ | ୭ % |
| ୨୦୦୪-୦୫ | ୧୫.୬୪ | ୨.୬୯ | ୧୭ % |
| ୨୦୦୫-୦୬ | ୧୮.୧୭ | ୮.୧୩ | ୪୫ % |
| ୨୦୦୬-୦୭ | ୧୯.୬୫ | ୧୭.୩୫ | ୮୮ % |
| ୨୦୦୭-୦୮* (୨୫.୧.୨୦୦୮ ପର୍ଯ୍ୟନ୍ତ) | ୧୧.୨୧ | ୧୦.୮୫ | ୯୭ % |

ଦ୍ରଷ୍ଟବ୍ୟ -* ଅନୁପାତିକ ଚାଉଳର ଧାନ ସଂଗ୍ରହଣ କରାଯାଇଛି ।

୨.୮ ଚଳିତ ଖରିଫ ବର୍ଷ ୨୦୦୭-୦୮ରେ ମାଣ୍ଡିଆ ଏବଂ ମକା ସଂଗ୍ରହଣ ନିମିତ୍ତ ଯୋଗାଣ ନିଗମ ଓ NAFED ସରକାରୀ ସଂସ୍ଥାଂକୁ ନିୟୋଜିତ କରାଯାଇଛି । ତା ୨୫-୧-୨୦୦୮ ପର୍ଯ୍ୟନ୍ତ NAFED ଦ୍ୱାରା ୨୩୮୭ ମେଟ୍ରିକ ଟନ୍ ମକା ସଂଗ୍ରହଣ କରାଯାଇଛି ।

### ୩. ଲକ୍ଷ୍ୟାନୁବର୍ତ୍ତୀ ସାଧାରଣ ବଣ୍ଟନ ବ୍ୟବସ୍ଥା

୩.୧ ଗରିବ ଲୋକଙ୍କ ଉନ୍ନତି ପାଇଁ ରାଜ୍ୟରେ ତା. ୧.୬.୧୯୯୭ ରିଖଠାରୁ ଲକ୍ଷ୍ୟାନୁବର୍ତ୍ତୀ ସାଧାରଣ ବଣ୍ଟନ ବ୍ୟବସ୍ଥା (ଟି.ପି.ଡି.ଏସ୍) କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ମାନଙ୍କୁ ରିହାତି ଦରରେ ଖାଦ୍ୟ ଶସ୍ୟମାନ ନିମ୍ନମତେ ଯୋଗାଇ ଦିଆଯାଉଅଛି ।

(୧) ରାଜ୍ୟର ୧୪୩ଟି ଆଇ.ଟି.ଡି.ପି ଓ ଡି.ପି.ଏ.ପି. ବ୍ଲକ୍ ମାନଙ୍କରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ତାଲିକାଭୁକ୍ତ ପ୍ରତ୍ୟେକ ପରିବାରକୁ ମାସିକ ୧୬ କି.ଗ୍ରା. ଚାଉଳ କିଲୋଗ୍ରାମ ପ୍ରତି ଟ.୪.୭୫ ଦରରେ ଏବଂ ୯ କି.ଗ୍ରା. ଚାଉଳ ଟ.୬.୩୦ ଦରରେ ଯୋଗାଇ ଦିଆଯାଉଅଛି ।

(୨) ରାଜ୍ୟର ଅନ୍ୟ ୧୭୧ଟି ବ୍ଲକର (Non-ITDP / Non D.P.A.P. Blocks) ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ବି.ପି.ଏଲ ତାଲିକାଭୁକ୍ତ ପରିବାରଙ୍କୁ ଏବଂ ସହରାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ପରିବାର ପିଛା ମାସିକ ୨୫ କି.ଗ୍ରା. ହିସାବରେ ଚାଉଳ କିଲୋ ଗ୍ରାମ ପ୍ରତି ଟ.୬.୩୦ ଦରରେ ଯୋଗାଇ ଦିଆଯାଉଅଛି ।

(୩) ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାର ଦାରିଦ୍ର୍ୟ ସୀମାରେଖା ଉପରେ ଥିବା (ଏ.ପି.ଏଲ୍) ପରିବାର ମାନଙ୍କୁ ମଧ୍ୟ ମାସିକ ପରିବାର ପିଛା ୨୫ କି.ଗ୍ରା. ଚାଉଳ କିଲୋଗ୍ରାମ ପ୍ରତି ଟ.୬.୩୦ ଦରରେ ଯୋଗାଇ ଦିଆଯାଉଅଛି ।

(୪) ଅନ୍ନପୂର୍ଣ୍ଣା ଯୋଜନା (AY) - ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ରାଜ୍ୟର ୬୪,୮୦୦ ଜଣ ବୟସ୍କ ନାଗରିକ, ଯେଉଁମାନେ କି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା / ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଭତ୍ତା ପାଇବା ପାଇଁ ଯୋଗ୍ୟ କିନ୍ତୁ ବାର୍ଦ୍ଧକ୍ୟ ଭତ୍ତା ପାଉ ନାହାନ୍ତି, ସେମାନଙ୍କୁ ମାସିକ ୧୦ କି.ଗ୍ରା ଚାଉଳ ବିନା ମୂଲ୍ୟରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

(୫) ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) - ଅନ୍ତ୍ୟୋଦୟ ଅନ୍ନ ଯୋଜନା ମାଧ୍ୟମରେ ରାଜ୍ୟର ୧୨,୬୪,୫୦୦ ଅତ୍ୟନ୍ତ ଦରିଦ୍ରତମ ପରିବାରମାନଙ୍କୁ ପରିବାର ପିଛା ମାସିକ ୩୫ କି.ଗ୍ରା. ଚାଉଳ କି.ଗ୍ରା. ପ୍ରତି ଟ.୩.୦୦ ଦରରେ ଯୋଗାଇ ଦିଆଯାଉଅଛି ।

**୪. <u>ଖାଦ୍ୟ ଶସ୍ୟ ବଣ୍ଟନ ।</u>**

**୪.୧ ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟି ମାନଙ୍କୁ ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କଠାରୁ ନିମ୍ନଲିଖିତ ଖାଦ୍ୟଶସ୍ୟ ପାଉଛନ୍ତି ।**

**(କ) ଚାଉଳ :**

ଭାରତ ସରକାର ସମନ୍ୱିତ ସାଧାରଣ ବଣ୍ଟନ ବ୍ୟବସ୍ଥା ନିମନ୍ତେ ଆମ ରାଜ୍ୟ ପାଇଁ ୯୭,୧୩୧ ମେଟ୍ରିକ୍ ଟନ୍ ବି.ପି.ଏଲ୍ ଓ ୫୫୧୪ ମେଟ୍ରିକ ଟନ୍ ଏ.ପି.ଏଲ ଚାଉଳ ଆବଣ୍ଟନ କରୁଅଛନ୍ତି । ୧୪୩ ଟି ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ / ମରୁଡି ପ୍ରବଣ ପ୍ରପୀଡିତ ପ୍ରକଳ୍ପ ବ୍ଲକ ଅଞ୍ଚଳରେ ୧୫,୮୪,୦୧୧ ବି.ପି.ଏଲ ପରିବାରକୁ ମାସିକ ୨୫ କି.ଗ୍ରା ଚାଉଳ (ଯଥାକ୍ରମେ ୧୬ କି.ଗ୍ରା କିଲୋ ପ୍ରତି ୪ ଟଙ୍କା ୭୫ ପଇସା ଓ ୯ କି.ଗ୍ରା କିଲୋପ୍ରତି ୬ ଟଙ୍କା ୩୦ ପଇସା ଦରରେ) ଯୋଗାଇ ଦିଆଯାଉଛି । ଅଣ ଆଦିବାସୀ ବ୍ଲକ ଅଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ୨୧,୭୪,୭୦୩ ବି.ପି.ଏଲ ପରିବାରଙ୍କୁ କି.ଗ୍ରା ପ୍ରତି ୬ ଟଙ୍କା ୩୦ ପଇସା ଦରରେ ମାସିକ ୨୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଉଛି । କେ.ବି.କେ. ଜିଲ୍ଲାମାନଙ୍କରେ ବସବାସ କରୁଥିବା ୫,୫୫,୯୦୫ ଏ.ପି.ଏଲ ପରିବାରଙ୍କୁ ବି.ପି.ଏଲ ଦରରେ (କି.ଗ୍ରା. ପ୍ରତି ଟ.୬.୩୦) ପରିବାର ପିଛା ମାସିକ ୨୫ କି.ଗ୍ରା. ଚାଉଳ ଯୋଗାଇ ଦିଆଯାଉଛି ।

ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଭାରତ ସରକାର ଆମ ରାଜ୍ୟ ପାଇଁ ମାସିକ ୪୪,୨୬୦ ମେଟ୍ରିକ୍ ଟନ୍ ଚାଉଳ ଆବଣ୍ଟନ କରୁଅଛନ୍ତି । ୧୨,୬୪,୫୦୦ ପରିବାର ଉକ୍ତ ଯୋଜନାରେ ମାସକୁ କିଲୋଗ୍ରାମ ପ୍ରତି ୩ ଟଙ୍କା ଦରରେ ୩୫ କି.ଗ୍ରା ଚାଉଳ ପାଉଛନ୍ତି ।

ଅନ୍ନପୂର୍ଣ୍ଣା ଯୋଜନାରେ ଭାରତ ସରକାର ମାସିକ ୬୪୮ ମେଟ୍ରିକ ଟନ୍ ଚାଉଳ ଆବଣ୍ଟନ କରୁଅଛନ୍ତି ଏବଂ ୬୪,୮୦୦ଟି ପରିବାର ବିନାମୂଲ୍ୟରେ ମାସିକ ୧୦ କି.ଗ୍ରା. ଲେଖାଏଁ ପାଉଛନ୍ତି ।

(ଖ) ଗହମ :

ଭାରତ ସରକାର ମାସିକ ୭୭୯୩ ମେଟ୍ରିକ୍ ଟନ୍ ଗହମ ଏ.ପି.ଏଲ୍. ପରିବାର ପାଇଁ ଆବଣ୍ଟନ କରୁଅଛନ୍ତି । ଉକ୍ତ ପରିବାରଙ୍କୁ କିଲୋ ପ୍ରତି ୭ଟଙ୍କା ଦରରେ କାର୍ଡ ପିଛା ମାସିକ ୧୫ କିଲୋ ପର୍ଯ୍ୟନ୍ତ ଗହମ ଯୋଗାଇ ଦିଆଯାଉଛି । ଏଥି ସହିତ ଜାନୁଆରୀ ୨୦୦୮ ମାସଠାରୁ ପ୍ରତି ମାସରେ ୪୦୦୦ ମେଟ୍ରିକ ଟନ୍ ଗହମ ବର୍ତ୍ତମାନ ପାଇଁ ଅତିରିକ୍ତ ଆବଣ୍ଟନ ଜରିଆରେ ଅଣାଯାଉଛି ।

୪.୨ ଚଳିତ ଆର୍ଥିକ ବର୍ଷର ଡିସେମ୍ବର,୨୦୦୭ ପର୍ଯ୍ୟନ୍ତ ବଣ୍ଟନ ଓ ଖାଉଟି ମାନେ ପାଇଥିବା ଖାଦ୍ୟ ଶସ୍ୟର ତାଲିକା ନିମ୍ନରେ ପ୍ରଦାନ କରାଗଲା ।

(ଲକ୍ଷ ମେଟ୍ରିକ୍ ଟନ୍ ହିସାବରେ)

| ଯୋଜନା | ବଣ୍ଟନ | ଅଫ୍‌ଟେକ୍ |
|---|---|---|
| ବି.ପି.ଏଲ୍ ଚାଉଳ କି.ଗ୍ରା. ପ୍ରତି ଟ.୪.୭୫ ଦରରେ | ୨.୨୯ | ୨.୨୫ |
| ବି.ପି.ଏଲ୍. ଚାଉଳ କି.ଗ୍ରା. ପ୍ରତି ଟ. ୬.୩୦ ଦରରେ | ୫.୬୮ | ୫.୦୪ |
| ବି.ପି.ଏଲ୍. ଚାଉଳ ଅବିଭକ୍ତ K.B.K. ଜିଲ୍ଲାର ଏ.ପି.ଏଲ୍. ପରିବାର ନିମନ୍ତେ କି.ଗ୍ରା. ପ୍ରତି ଟ. ୬.୩୦ ଦରରେ | ୦.୫୭ | ୦.୪୬ |
| ଏ.ଏ.ୱାଇ. ଚାଉଳ କି.ଗ୍ରା. ପ୍ରତି ଟ.୩.୦୦ ଦରରେ | ୩.୯୮ | ୩.୯୦ |
| ହରିଜନ ଆଦିବାସୀ ଛାତ୍ରାବାସ/ ଅନୁଷ୍ଠାନ ନିମନ୍ତେ ବି.ପି.ଏଲ୍ ଚାଉଳ | ୦.୧୦ | ୦.୧୫ |
| ଏ.ୱାଇ. ଚଉଳ | ୦.୦୬ | ୦.୦୬ |
| ଏ.ପି.ଏଲ୍. ଚାଉଳ | ୦.୨୪ | ୦.୦୪ |
| ଏ.ପି.ଏଲ୍ ଗହମ | ୧.୦୨ | ୦.୯୫ |

**୪.୩ ଲେଭି ଚିନିର ବଣ୍ଟନ ବ୍ୟବସ୍ଥା :**

ରାଜ୍ୟ ସରକାର ମାସିକ ଚିନିର ଆବଣ୍ଟନ କୋଟା ସିଧାସଳଖ ଭାବେ ଓଡିଶା ରାଜ୍ୟ ଯୋଗାଣ ନିଗମଙ୍କ ଦ୍ୱାରା ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ଆର୍ଥିକ ସମ୍ବଳ ଯୋଗାଡକରି କ୍ରୟ କରିବା ସହ ଖାଉଟିମାନଙ୍କୁ ବଣ୍ଟନ କରିଥାନ୍ତି । କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ବି.ପି.ଏଲ୍ ଓ ଅନ୍ତ୍ୟୋଦୟ ଅନ୍ନ ଯୋଜନା ପଡି କାର୍ଡଧାରୀ ମାନଙ୍କୁ ମାସିକ କାର୍ଡ ପିଛା ୨ କି.ଗ୍ରା. ଚିନି ଯୋଗାଇ ଦିଆ ଯାଇଥାଏ ।

**୫. ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉପଦେଷ୍ଟା କମିଟି :**

ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁସଙ୍ଗଠିତ ତଥା ସୁପରିଚାଳନା କରିବା ଉଦ୍ଦେଶ୍ୟରେ ପ୍ରତିଟି ରିଟେଲ ଆଉଟଲେଟ ପାଇଁ ରିଟେଲର ଲେଭେଲ କମିଟି ଗଠନ କରାଯାଇଅଛି । ଏହି କମିଟି ରିଟେଲର ସ୍ତରରେ କାର୍ଯ୍ୟର ତଦାରଖ କରିଥାଏ । ଏତଦ୍ ବ୍ୟତୀତ ସାଧାରଣ ବଣ୍ଟନ ବ୍ୟବସ୍ଥାର ତଦାରଖ ତଥା ଏହାର କାର୍ଯ୍ୟଦକ୍ଷତାର ଉନ୍ନତି ପାଇଁ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି (DLAC), ବ୍ଲକ ସ୍ତରୀୟ ପରାମର୍ଶ ଦାତା କମିଟି (BLAC) ଓ ସହରାଞ୍ଚଳ ସ୍ତରୀୟ ପରାମର୍ଶଦାତା କମିଟି (TLAC) ଗଠିତ ହୋଇଛି ।

**୬. ଖାଉଟି ଅଧିକାର ସୁରକ୍ଷା :**

୬.୧ ତ୍ୱରିତ ଏବଂ ସ୍ୱଳ୍ପ ବ୍ୟୟରେ ଖାଉଟି ମାନଂକର ବିବାଦର ପ୍ରତିକାର କରିବା ନିମିତ୍ତ ଖାଉଟି ପ୍ରତିକାର ନିୟମ ୧୯୮୬ ଉଦ୍ଦିଷ୍ଟ । ଏହା ମଧ୍ୟ ବହୁମୁଖୀ ଖାଉଟି ଆନ୍ଦୋଳନ ଅଗ୍ରଗତିରେ ସହାୟକ । ରାଜ୍ୟ ସରକାର ପ୍ରତି ରାଜସ୍ୱ ଜିଲ୍ଲା ଏବଂ ସୁନ୍ଦରଗଡର ରାଉରକେଲା ଠାରେ ଏକ ଅତିରିକ୍ତ ଏହିପରି ମୋଟ ୩୧ ଗୋଟି ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଞ୍ଚ ସ୍ଥାପନ କରିଛନ୍ତି । କଟକ ଠାରେ ଅବସ୍ଥାପିତ ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ ମୂଳ ମକଦ୍ଦମା ଏବଂ ଅପିଲ ବିଚାର କରିବା ସଂଗେ ସଂଗେ ଜିଲ୍ଲା ଖାଉଟି ମଞ୍ଚ ଗୁଡିକର କାର୍ଯ୍ୟଶୈଳୀ ତଦାରଖ କରିଥାନ୍ତି ।

୬.୨ ଛାତ୍ର ମାନଂକ ମନରେ ଖାଉଟି ସଚେତନତା ସୃଷ୍ଟି ନିମିତ୍ତ ରାଜ୍ୟର ୨୧ଟି ଜିଲ୍ଲାର ୫୦୦ଟି ବିଦ୍ୟାଳୟରେ ଖାଉଟି କ୍ଲବ ଗଠନ କରାଯାଇଅଛି । ଏଥି ନିମିତ୍ତ ୨୫ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମନ୍ୱୟକାରୀ ସଂସ୍ଥା ଭାବରେ ଦାୟିତ୍ୱ ଅର୍ପଣ କରାଯାଇଅଛି । ଭାରତ ସରକାରଂକ ଠାରୁ ପ୍ରାପ୍ତ ୫୦ ଲକ୍ଷ ଟଙ୍କା ଏହି କାର୍ଯ୍ୟ ପାଇଁ ଆବଣ୍ଟନ କରାଯାଇଅଛି । ଖାଉଟି ମାନଂକୁ ବିନା ମୂଲ୍ୟରେ ଉପଦେଶ ତଥା ଦିଗଦର୍ଶନ ପ୍ରଦାନ ନିମିତ୍ତ ସମସ୍ତ ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଞ୍ଚ ଏବଂ ରାଜ୍ୟ କମିଶନରେ ଖାଉଟି ପରାମର୍ଶ କେନ୍ଦ୍ର ଖୋଲା ଯିବାପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଅଛି ।

୬.୩ ଖାଉଟି ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ନିମିତ୍ତ ଓଡିଶା ଖାଉଟି କଲ୍ୟାଣ ପାଣ୍ଠି ଗଠନ କରାଯାଇଅଛି ।

## ୭. ପଡି କାର୍ଡ ଏବଂ ସୁଲଭ ମୂଲ୍ୟ ଦୋକାନ

୧. ଖାଉଟିମାନଙ୍କୁ ବିଭିନ୍ନ ଯୋଜନାରେ ସରକାର ୮୬,୨୩,୦୯୫ ସଂଖ୍ୟକ ପଡିକାର୍ଡ ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ବଣ୍ଟନ କରୁଛନ୍ତି । ସେଥିମଧ୍ୟରୁ ୬୪,୮୦୦ ଅନ୍ନପୂର୍ଣ୍ଣା ଯୋଜନାରେ ୧୨,୬୩,୮୭୨ ସଂଖ୍ୟକ କାର୍ଡ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୩୭,୫୮,୬୧୯ ସଂଖ୍ୟକ ଓ ୩୬,୦୦,୬୦୪ ସଂଖ୍ୟକ କାର୍ଡ ଯଥାକ୍ରମେ ବି.ପି.ଏଲ୍. ଓ ଏ.ପି.ଏଲ୍. ର ଅନ୍ତର୍ଭୁକ୍ତ ଅଟେ ।

୭.୨ ଅତ୍ୟାବଶ୍ୟକ ଦ୍ରବ୍ୟର ସୁଷମ ବଣ୍ଟନ ନିମିତ୍ତ ରାଜ୍ୟରେ ମୋଟ ୨୯୭୫୮ଟି ସୁଲଭ ମୂଲ୍ୟ ଦୋକାନ କାର୍ଯ୍ୟ କରୁଅଛି । ଏତଦ୍ ବ୍ୟତୀତ ୧୮,୭୨୮ ବେସରକରୀ ଖୁଚୁରା ବିକ୍ରେତା, ଆଉମଧ୍ୟ ୮୫୭ ଟି ସେବା ସମବାୟ ସମିତି, ୩୩୦୨ ସଂଖ୍ୟକ ଗ୍ରାମ ପଞ୍ଚାୟତ ଓ ୬୮୧୦ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହା ମଧ୍ୟରେ ଅନ୍ତର୍ଭୁକ୍ତ ।

## ୮. କିରୋସିନି ବିତରଣ

୮.୧ ଖାଉଟୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୋଟ ୪,୦୪,୭୧୮ କିଲୋଲିଟର କିରୋସିନି ତେଲ ବିଭିନ୍ନ ଜିଲ୍ଲାକୁ ୨୦୦୭-୦୮ ଆର୍ଥିକ ବର୍ଷରେ ଆବଣ୍ଟନ କରାଯାଇଅଛି ।

୮.୨ ଭାରତ ସରକାର ଜନ କିରୋସିନି ପରିଯୋଜନା ନାମରେ ଏକ ପରିଯୋଜନା ଅକ୍ଟୋବର ଦୁଇ ୨୦୦୫ ତାରିଖରୁ ଆରମ୍ଭ କରିଅଛନ୍ତି । କିରୋସିନିର ଦୁରୁପଯୋଗ ଏବଂ ଅନ୍ୟତ୍ର ବ୍ୟବହାର ଦୂର କରିବା ଏହି ପରିଯୋଜନାର ଲକ୍ଷ୍ୟ । ଆମ ରାଜ୍ୟରେ ଏହା ୧୩ ଜିଲ୍ଲାର ୨୬ଟି ବ୍ଲକରେ ପଥଦର୍ଶୀ ପରିଯୋଜନା ଆରମ୍ଭ ହୋଇଛି ।

୮.୩ ଏ.ପି.ଏଲ୍.,ବି.ପି.ଏଲ୍.,ଓ ଏ.ଏ.ୱାଇ ଯୋଜନା ପଡିକାର୍ଡ ଧାରୀ ମାନେ ମାସକୁ କାର୍ଡ ପିଛା ୪ ଲିଟର କିରୋସିନି ପାଇବା ପାଇଁ ହକଦାର ।

## ୯. ସୂଚନା ଅଧିକାର ଆଇନ୍ -

ବର୍ତ୍ତମାନ ସୁଧା ୭୭ ଜଣ ଓଡିଶା ଅଧିକାର ନିୟମାବଳୀ ୨୦୦୫ରେ ସୂଚନା ପାଇ ଆବେଦନ କରିଛନ୍ତି, ତନ୍ମଧ୍ୟରୁ ୬୭ ଜଣ ଦରଖାସ୍ତକାରୀଙ୍କୁ ସୂଚନା ଯୋଗାଇ ଦିଆଯାଇଛି ।

ଏତଦ୍ ବ୍ୟତିତ, ସରକାରୀ କାର୍ଯ୍ୟ ସୁପରିଚାଳନା ନିମନ୍ତେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଏବଂ ଓଡିଶା ରାଜ୍ୟ ଯୋଗାଣ ନିଗମକୁ କମ୍ପୁଟରୀକରଣ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି ।

**୧୦. ବିପଣୀ ଗୁପ୍ତବାର୍ତ୍ତା**

ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ବିପଣୀ ଗୁପ୍ତବାର୍ତ୍ତା ଉପ ବିଭାଗ ନୀତି ନିର୍ଦ୍ଧାରଣ କରିବାରେ ଏକ ସହାୟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଖୋଲା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଲବ୍ଧତା ଏବଂ ଦରଦାମ ପରିସ୍ଥିତିକୁ କମ୍ପୁଟର ନେଟୱାର୍କ ମାଧ୍ୟମରେ ନିୟମିତ ଅନୁଧ୍ୟାନ କରିବା ସହିତ ଆବଶ୍ୟକ ସ୍ଥଳେ ସରକାରଙ୍କ ତରଫରୁ ବଜାର କାରବାରରେ ସମ୍ପୃକ୍ତ ରହି ଦରଦାମ ତଥା ଲବ୍ଧତାକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରସ୍ତାବ ଦେବା ଏହାର ଏକ ବିଶେଷ କାର୍ଯ୍ୟ । ତାଛଡା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏହି ସଂସ୍ଥା ଗ୍ରହଣ କରିଥାଏ । ନିକଟରେ ଦରଦାମ ପରିସ୍ଥିତିର ଅନୁଧ୍ୟାନ ତଥା ବିପଣୀ ଅନୁପ୍ରବେଶ ପାଇଁ ପ୍ରସ୍ତାବ ଦେବା ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ସହ ରାଜ୍ୟ ଯୋଗାଣ ନିଗମରେ ଏକ **Corpus** ପାଣ୍ଠି ଗଠନ କରାଯାଇ ଅଛି । ଚଳିତ ବର୍ଷ (୨୦୦୭-୦୮) ରାଜ୍ୟ ସରକାର ଏହି ଫଣ୍ଡକୁ ଏକ କୋଟି ଟଙ୍କା ପ୍ରଦାନ କରିଛନ୍ତି ।

**୧୧. ବଳବତ୍ତକରଣ ପଦକ୍ଷେପ**

୧୧.୧ ଅତ୍ୟାବଶ୍ୟକୀୟ ପଦାର୍ଥର କଳାବଜାରୀ ଓ ଚୋରା ଚାଲାଣ ରୋକିବା ନିମନ୍ତେ ରାଜ୍ୟ ବଳବତ୍ତକରଣ ସ୍କ୍ୱାର୍ଡ, ଜିଲ୍ଲା ବଳବତ୍ତକରଣ ସ୍କ୍ୱାର୍ଡ ଓ ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ନିୟମିତ ଯାଞ୍ଚ ଓ ଚଢାଉ ଅଭିଯାନ କରାଯାଇଥାଏ ।

୧୧.୨ ଜାନୁୟାରୀ, ୨୦୦୭ରୁ ଡିସେମ୍ବର, ୨୦୦୭ ସୁଦ୍ଧା ହୋଇଥିବା ବଳବତ୍ତକରଣ କାର୍ଯ୍ୟର ବିଶଦ ବିବରଣୀ ନିମ୍ନରେ ଦିଆଗଲା ।

(ଜାନୁୟାରୀ ୨୦୦୭ ରୁ ଡିସେମ୍ବର ୨୦୦୭ ସୁଦ୍ଧା)

| | | | |
|---|---|---|---|
| ୧. | ସନ୍ଧାନ କରାଯାଇଥିବା ମାମଲା ସଂଖ୍ୟା | - | ୭୬୭୬୬ |
| ୨. | ଚଢାଉ କରାଯାଇଥିବା ମାମଲା ସଂଖ୍ୟା | - | ୪୮୮୫ |
| ୩. | ରୁଜୁ ହୋଇଥିବା ମାମଲା ସଂଖ୍ୟା | - | ୧୮୦ |
| ୪. | ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା | - | ୩୧ |
| ୫. | ଦୋଷସିଦ୍ଧ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା | - | --- |
| ୬. | ନିଲମ୍ବିତ ହୋଇଥିବା ଲାଇସେନ୍ସ ସଂଖ୍ୟା | - | ୮୫୬ |
| ୭. | ରଦ୍ଦ ହୋଇଥିବା ଲାଇସେନ୍ସ ସଂଖ୍ୟା | - | ୨୫୦ |
| ୮. | ଅମାନତ ବ୍ୟାଜ୍ୟାପ୍ତି ପରିମାଣ | - | ଟ.୬୦୩୪୫୨ |

୯. ଜବତ ହୋଇଥିବା ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଗୁଡିକର
ମୋଟ ମୂଲ୍ୟ - ଟ.୨୯୩୪୦୭୫୫

୧୦. ବ୍ୟାଜ୍ୟାପ୍ତି ହୋଇଥିବା ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଗୁଡିକର
ମୋଟ ମୂଲ୍ୟ - ଟ.୧୩୫୦୩୨୧୦

୧୧. ଜୋରିମାନାର ପରିମାଣ - ଟ.୧୯୦୯୨୯୫

## ୧୨. ଓଜନ ଓ ମାପ ସଂସ୍ଥା

୧୨.୧ ସାଧାରଣ ଜନତାଙ୍କର କଲ୍ୟାଣ ନିମନ୍ତେ ଭାରତୀୟ ସମ୍ବିଧାନରେ ବିଭିନ୍ନ ପ୍ରକାରର ଆଇନ୍ ପ୍ରଣୟନ ହୋଇଅଛି । ତନ୍ମଧ୍ୟରୁ ଖାଉଟୀମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ଓଜନ ଓ ମାପ ବଳବତ୍ କରଣ ଆଇନ୍‌ର ବିଭିନ୍ନ ଧାରାକୁ କାର୍ଯ୍ୟକାରିତା କରିବା ହେଉଛି, ଏହି ଓଜନ ଓ ମାପ ସଂସ୍ଥାର ପ୍ରଧାନ ଲକ୍ଷ୍ୟ । ଏହାଦ୍ୱାରା ଖାଉଟିମାନେ ଉପଯୁକ୍ତ ଓଜନ ଓ ଉପଯୁକ୍ତ ମାପର ଖାଉଟି ଦ୍ରବ୍ୟମାନ ବ୍ୟବସାୟୀମାନଙ୍କଠାରୁ ଯେପରି କ୍ରୟ କରିପାରିବେ ତାହାକୁ କାର୍ଯ୍ୟକାରୀ କରିବା ଓଜନ ଓ ମାପ ସଂସ୍ଥାର ପ୍ରଧାନ କାର୍ଯ୍ୟ ।

ଏହି ଆଇନ୍ ବଳରେ ନିମ୍ନଲିଖିତ କାର୍ଯ୍ୟ ଗୁଡିକୁ ଓଜନ ଓ ମାପ ସଂସ୍ଥା ତଦାରଖ କରୁଅଛି ।

କ. ସାରା ରାଜ୍ୟରେ ଗୋଟିଏ ମାନର ଓଜନ ଓ ମାପ ଯନ୍ତ୍ରପାତିର ପ୍ରଚଳନ ।

ଖ. ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ନନ୍-ଷ୍ଟାଣ୍ଡାର୍ଡ ମାପ ଓ ଓଜନ ଯନ୍ତ୍ରପାତି ଇତ୍ୟାଦିର ପ୍ରଚଳନକୁ ପ୍ରତ୍ୟାହାର କରିବା ।

ଗ. ମାପ ଓଜନ ଯନ୍ତ୍ରପାତିର ସଠିକତା ନିରୂପଣ କରିବା ।

ଘ. ପ୍ରବଞ୍ଚନା ମୂଳକ ଓଜନ ଓ ମାପ ଯନ୍ତ୍ରପାତି ବ୍ୟବହାରର ଦୂରୀକରଣ ଏବଂ ମାପ ଓ ଓଜନ ଆଇନ୍‌ର ଖିଲାପ କରୁଥିବା ବ୍ୟବସାୟୀଙ୍କନାମରେ ମୋକଦ୍ଦମା ରୁଜୁ କରିବା ।

୧୨.୨ ଏହି ସଂସ୍ଥାର ୨୦୦୭-୦୮ (ଡିସେମ୍ବର-୨୦୦୭) ପର୍ଯ୍ୟନ୍ତ କାର୍ଯ୍ୟକଳାପର ବିବରଣୀ ଅବଗତ ନିମନ୍ତେ ନିମ୍ନରେ ପ୍ରଦାନ କରାଗଲା ।

(କ) ଯାଞ୍ଚ ହୋଇଥିବା ସଂଖ୍ୟା

୧. ନିୟମିତ ଯାଞ୍ଚ - ୧୫୫,୨୧୭

୨. ଅଚାନକ ଯାଞ୍ଚ - ୩୭୨୩୯

(ଖ) ରୁଜୁ ହୋଇଥିବା କେଶ୍

୧. ସାମୟିକ ଭାବରେ - ୩୦୪୭

୨. ଭ୍ରାମ୍ୟମାଣ ଅଦାଲତ୍‌ରେ - ୨୫

୩. ରଫା ବାବଦକୁ - ୨୯୬୭

(ଗ) ବିଭିନ୍ନ ବାବଦକୁ ଆଦାୟ ହୋଇଥିବା ଜୋରିମାନା

୧. ସାଧାରଣ ଅଦାଲତ୍‌ରେ - ନାହିଁ

୨. ଭ୍ରାମ୍ୟମାଣ ଅଦାଲତରେ - ଟ.୧୨,୩୦୦.୦୦

୩. ରଫା ବାବଦକୁ - ଟ.୨୨,୯୧,୪୭୦.୦୦

(ଘ) ପୁନଃ ଯାଞ୍ଚବ୍ୟବସାୟୀଙ୍କ ସଂଖ୍ୟା - ଟ.୧,୬୦,୫୬୩.୦୦

(ଙ) ଆଦାୟ ହୋଇଥିବା ଫିସ୍‌ର ପରିମାଣ - ଟ.୨,୫୧,୫୬,୬୨୬.୦୦

୧୨.୩ ୨୦୦୭-୨୦୦୮ ବର୍ଷରେ ଏହି ସଂସ୍ଥାକୁ ସକ୍ଷମ କରିବା ପାଇଁ ଅନୁପୂରକ ବଜେଟ୍‌ରେ ଉନ୍ନତ ଧରଣର ଓଜନ ଓ ମାପ ଯନ୍ତ୍ରପାତି କ୍ରୟ ଏବଂ ପରୀକ୍ଷାଗାରର ଉନ୍ନତି ନିମନ୍ତେ ଟ.୯୫,୦୦,୦୦୦.୦୦ ଯୋଗାଇ ଦିଆଯାଇଅଛି । ଏହି ଟଙ୍କାର ଉପଯୁକ୍ତ ବିନିଯୋଗ ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଅଛି ।

## ୧୩. ଓଡିଶା ରାଜ୍ୟ ଯୋଗାଣ ନିଗମ ଅଧିନରେ ସାଧାରଣ ବଣ୍ଟନ ବ୍ୟବସ୍ଥା

### ୧୩.୧ ବିକେନ୍ଦ୍ରୀକୃତ ଧାନ ସଂଗ୍ରହଣ ବ୍ୟବସ୍ଥା

ସରକାରଙ୍କ ଯୋଜନାକୁ ରୂପାୟିତ କରିବା ପାଇଁ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ୨୦୦୩-୦୪ ଖରିଫ ବର୍ଷ ଠାରୁ ବିକେନ୍ଦ୍ରୀକୃତ ଧାନ ସଂଗ୍ରହଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଚାଷୀମାନଙ୍କ ଠାରୁ ସିଧା ସଳଖ ଧାନ କିଣି ଚାଉଳରେ ପରିଣତ କରି ଉକ୍ତ ଚାଉଳକୁ ବିଭିନ୍ନ ସାଧାରଣ ବଣ୍ଟନ ଯୋଜନାରେ ଆବଣ୍ଟନ କରାଯାଉଛି ।

ଫଳରେ ଧାନ ସଂଗ୍ରହଣର ମାତ୍ରା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ଲବ୍ଧ ସଂଗ୍ରହଣ ହାସଲର ସଂକ୍ଷିପ୍ତ ତଥ୍ୟ ନିମ୍ନରେ ପ୍ରଦତ୍ତ କରାଗଲା ।

| ଖରିଫ ବର୍ଷ | ଜିଲ୍ଲା/ ଡି.ପି.ସି. ସଂଖ୍ୟା | ଲକ୍ଷ୍ୟ ଚାଉଳ/ଧାନ (ମେଟ୍ରିକ ଟନ୍‌ରେ) | ସଂଗୃହିତ ପରିମାଣ ଚାଉଳ/ ଧାନ (ମେ.ଟରେ) |
|---|---|---|---|
| ୨୦୦୩-୦୪ | ୧୯/୪୨ | ୬୦,୦୦୦/୮୮,୪୨୨ | ୫୯,୪୧୯/୩୮,୮୧୯ |
| ୨୦୦୪-୦୫ | ୨୨/୭୪ | ୧,୦୦,୦୦୦/୧୫୧୬୪୨ | ୧,୪୦,୧୧୯/୯୨,୪୧୩ |
| ୨୦୦୫-୦୬ | ୩୦/୨୨୨ | ୨୭୦୦୦୦/୪୦୯୦୯୧ | ୩,୮୫,୭୩୫/୨,୫୪,୭୦୯ |
| ୨୦୦୬-୦୭ | ୩୦/୩୨୦ | ୫୭୯୦୦୦/୮୬୨୧୨୧ | ୫,୩୫,୧୬୯/୮,୧୨,୦୦୧ |
| ୨୦୦୭-୦୮ | ୩୦/୬୧୫ | ୮,୩୦,୦୦୦ | ୮,୦୯,୬୧୧ (ଧାନ ସଂଗ୍ରହଣ ତା.୨୫.୧.୨୦୦୮ ପର୍ଯ୍ୟନ୍ତ) |

**୧୩.୨** ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଲକ୍ଷ୍ୟ ହାସଲ ପାଇଁ ନିଗମ ତରଫରୁ ନିଆଯାଇ ଥିବା ପଦକ୍ଷେପମାନ ନିମ୍ନରେ ଉଲ୍ଲେଖ କରାଗଲା ।

କ. ସୁବିଧାରେ ଧାନ ସଂଗ୍ରହଣ ନିମନ୍ତେ ସବିଶେଷ ନିୟମାବଳୀ ପ୍ରତ୍ୟେକ ଜିଲ୍ଲା ପରିଚାଳକମାନଙ୍କୁ ଦିଆଯାଇଛି ।

ଖ. ଏସ୍.ଏ. ତଥା ଜି.ଏ. ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଅଭାବରେ, ସେମାନଙ୍କ କାର୍ଯ୍ୟ ସମ୍ପାଦନ ନିମନ୍ତେ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ଜରିଆରେ ଆବଶ୍ୟକ କର୍ମଚାରୀ ମୁତୟନ କରିବା ପାଇଁ ଜିଲ୍ଲା କାର୍ଯ୍ୟାଳୟ ଗୁଡିକୁ କୁହାଯାଇଛି ।

ଗ. ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆବଶ୍ୟକୀୟ ଜମା ଯୋଗାଣ ନିଗମ ନିମିତ୍ତ ବରାଦ କରାଯାଇଛି ।

ଘ. କୃଷକମାନଙ୍କୁ ଧାନର ଶ୍ରେଣୀ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ସମ୍ପର୍କରେ ସଚେତନ କରାଇବା ପାଇଁ ପ୍ରଚାର ପତ୍ର ତଥା ଖବର କାଗଜ ମାନଙ୍କରେ ବିଜ୍ଞାପନ ଦିଆଯାଇଛି ।

ଙ. ଜିଲ୍ଲାର କ୍ରୟ କେନ୍ଦ୍ରମାନଙ୍କରେ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାପାଇଁ ଜିଲ୍ଲା ପରିଚାଳକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଚ. ଜିଲ୍ଲାର ଧାନ କ୍ରୟ କେନ୍ଦ୍ର ତଥା ନିଗମ ଓ ଅନ୍ୟାନ୍ୟ ସଂସ୍ଥା ମାନଙ୍କର ସମ୍ପୃକ୍ତ ଅଧିକାରୀମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ଜନସାଧାରଙ୍କ ଅବଗତି ନିମନ୍ତେ କମ୍ପ୍ୟୁଟର ମାଧ୍ୟମରେ ସୂଚନା ଦିଆଯାଇଛି ।

ଛ. କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପାଣି ପଞ୍ଚାୟତମାନଙ୍କୁ ବିପୁଳ ପରିମାଣରେ ଧାନ କିଣି ନିଗମକୁ ବିକ୍ରୀ କରିବା ପାଇଁ ସାମିଲ କରାଯାଇଛି ।

ଜ. ସ୍ଥାନୀୟ ଚାଷୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ସ୍ୱଳ୍ପ କାଳ ଓ ବିନା କମିସନରେ ଚେକ୍ ଭଙ୍ଗାଇବା ପାଇଁ ଆବଶ୍ୟକ ସଂଖ୍ୟକ ବ୍ୟାଙ୍କ ପାସ୍ ବହି ଖୋଲିବା ସକାଶେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଝ. ଧାନ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଜିଲ୍ଲାମାନଙ୍କରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସଦର ମହକୁମାର ଅଧିକାରୀମାନଙ୍କୁ ପଠାଯାଉଛି ।

ଞ. ଗ୍ରାମ ପଞ୍ଚାୟତସ୍ତରରେ ଧାନ ସଂଗ୍ରହଣ କେନ୍ଦ୍ର ଖୋଲାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗ୍ରାମରୁ ଧାନ ସଂଗ୍ରହଣରେ ନିୟୋଜିତ କରାଯାଇଛି ।

## ୧୩.୩ ଭ୍ରାମ୍ୟମାଣ ଯାନ ଯୋଜନା:-

ଭ୍ରମ୍ୟମାଣ ଗାଡି ଗୁଡିକ ମାଧ୍ୟମରେ ଗ୍ରାମୀଣ ହାଟପାଳି ଦିନ ମାନଂକରେ ଲୋକମାନଙ୍କୁ ଖାଉଟୀଦ୍ରବ୍ୟ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇଥାଏ । ଏହା ବ୍ୟତୀତ ଖାଉଟୀ ମାନଙ୍କୁ ଉକ୍ତ ଗାଡି ଯୋଗେ ସେମାନଙ୍କ ଘର ନିକଟରେ I.T.D.P. ଜିଲ୍ଲା ମାନଙ୍କର ଖାଉଟୀ ସାମଗ୍ରୀ ଉପଲବ୍ଧ କରିବା ସହିତ ସମ୍ପୃକ୍ତ ଗୋଦମ ମାନଙ୍କରୁ ପ୍ରତ୍ୟେକ ପଞ୍ଚାୟତକୁ ଖାଉଟୀ ସାମଗ୍ରୀ ଯୋଗାଣ ନିମନ୍ତେ ବ୍ୟବହୃତ ହୋଇଥାଏ । ଏତଦ୍ ଭିନ୍ନ, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ, ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟକାରୀ ହେଉଥିବା "ମଧ୍ୟାହ୍ନ ଭୋଜନ" କାର୍ଯ୍ୟକ୍ରମ ନିମନ୍ତେ ଉକ୍ତ ଗାଡି ଗୁଡିକୁ ଖାଦ୍ୟ, ଶସ୍ୟ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ ।

ଅଧୁନା ରାଜ୍ୟର ୧୪ ଗୋଟି ଜିଲ୍ଲାରେ ମୋଟ ୯୩ଟି ଭ୍ରାମ୍ୟମାଣ ଗାଡି ବ୍ୟବହୃତ ହେଉଅଛି ଓ ତନ୍ମଧ୍ୟରୁ ୪୦ଟି ଗାଡି କେବେଳ ସମ୍ପୃକ୍ତ ୬ ଗୋଟି K.B.K. ଜିଲ୍ଲା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

## ୧୩.୪ ଆଦର୍ଶ ସୁଲଭ ମୂଲ୍ୟ ଦୋକାନ (ମୈତ୍ରୀ)

ରାଜ୍ୟ ଯୋଗାଣ ନିଗମ ଦ୍ୱାରା ରାଜଧାନୀ ତଥା ବିଭିନ୍ନ ଜିଲ୍ଲାରେ ଖୋଲା ଯାଇଥିବା ୩୬ଟି ଆଦର୍ଶ ସୁଲଭ ମୂଲ୍ୟ ଦୋକାନ (ମୈତ୍ରୀ) ଖୋଲାଯାଇଛି । ଏହି ଦୋକାନ ମାଧ୍ୟମରେ ଚାଉଳ, ଗହମ, ଚିନି ଏବଂ କିରୋସିନି ପଡିକାର୍ଡଧାରୀ ଖାଉଟି ମାନଙ୍କୁ ଯୋଗାଇ ଦିଆଯାଉଛି । ଏତଦ୍ ବ୍ୟତୀତ ବିନା ପଡିକାର୍ଡଧାରୀ ଖାଉଟିମାନଙ୍କୁ ମଧ୍ୟ କିରୋସିନି ଯୋଗାଇ ଦିଆଯାଇଛି ।

**୧୩.୫** ଓଡିଶା ରାଜ୍ୟ ଯୋଗାଣ ନିଗମ ଭାରତୀୟ ଯୋଗାଣ ନିଗମ ଗୋଦାମ ଠାରୁ ଖାଦ୍ୟଶସ୍ୟ ଉଠାଇବା ପାଇଁ ମୂଖ୍ୟତଃ ଦାୟୀ ଏବଂ ନିଗମ ଦ୍ୱାରା ନିଯୁକ୍ତି ପ୍ରାପ୍ତ **Storage Agent** ଜରିଆରେ ରିଟେଲର ମାନଙ୍କୁ ଖାଦ୍ୟଶସ୍ୟ ବିତରଣ କରାଯାଇଥାଏ ।

OGP-MP-(F.S.&C.W.)-8-500 BKs-07-03-2008
F. S.

ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ-୧୦ରେ ମୁଦ୍ରିତ